# NATIONAL NEWS BULLETIN (ODIA)

## 6 November - 2025

## Morning Bulletin : 7.15 a.m.

***********************************

## ମୁଖ୍ୟ ସମ୍ବାଦ

- ବିହାର ବିଧାନସଭା ପାଇଁ ଆଜି ପ୍ରଥମ ପର୍ଯ୍ୟାୟରେ ୧୨୧ଟି ଆସନ ଲାଗି ଆରମ୍ଭ ହେଲା ଭୋଟ୍‌ଗ୍ରହଣ ।
- ହିଂସା ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାଲାଗି ମାଓବାଦୀମାନଙ୍କୁ ଉପରାଷ୍ଟ୍ରପତିଙ୍କ ଆହ୍ୱାନ ।
- ଜାତୀୟ ସଂଗୀତ ବନ୍ଦେ ମାତରମର ୧୫୦ତମ ବର୍ଷ ପୂର୍ତ୍ତି ଅବସରରେ ବର୍ଷବ୍ୟାପୀ ହେବାକୁ ଥିବା କାର୍ଯ୍ୟକ୍ରମର ଆସନ୍ତାକାଲି ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ।
- କୋଚିସ୍ଥିତ ନୌସେନା ବେସ୍‌ରେ ଆଜି ଇକ୍ଷକ ଜାହାଜକୁ ଆନୁଷ୍ଠାନିକ ଭାବେ ନିୟୋଜିତ କରାଯିବ ସେବାରେ ।

ଏବଂ

- କାରାରା ଓଭାଲଠାରେ  ଆଜି ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବ ଚତୁର୍ଥ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ।

# ବିହାର ପୋଲିଂ

ବିହାର ବିଧାନସଭା ପାଇଁ ପ୍ରଥମ  ପର୍ଯ୍ୟାୟ ମତଦାନ କିଛିସମୟ ପୂର୍ବରୁ ଆରମ୍ଭ ହୋଇଛି। ୧୮ଟି ଜିଲ୍ଲାର ୧୨୧ଟି ବିଧାନସଭା ଆସନ ନିମନ୍ତେ ଆଜି ଭୋଟ୍‌ଗ୍ରହଣ କରାଯାଉଛି । ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ଭୋଟ୍ ଗ୍ରହଣ ପାଇଁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି । ପାଟନା, ବୈଶାଳୀ, ନାଳନ୍ଦା, ଭୋଜପୁର, ମୁଙ୍ଗେର, ଶରନ୍, ସିୱନ୍, ଗୋପାଳଗଞ୍ଜ, ମୁଜାଫରପୁର ଆଦି ଜିଲ୍ଲାରେ ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ । ତେବେ ସୁରକ୍ଷା କାରଣରୁ ସିମ୍ରି ଭକ୍ତିଆପୁର, ମାହିସି ତାରାପୁର, ମୁଙ୍ଗେର ଜାମାଲପୁର ସମେତ ସୂର୍ଯ୍ୟଗଡ ବିଧାନସଭା ନିର୍ବାଚନ ମଣ୍ଡଳରେ ଥିବା ୫୬ଟି ପୋଲିଂ ବୁଥ୍‌ରେ ଭୋଟ୍‌ଗ୍ରହଣ ସଂଧ୍ୟା ୫ଟା ପର୍ଯ୍ୟନ୍ତ କରାଯିବ ବୋଲି ଜଣାଯାଇଛି । ସମଗ୍ର ନିର୍ବାଚନ ପ୍ରକ୍ରିୟାକୁ ତଦାରଖ କରିବା ଲାଗି ୪୫ ହଜାର ୩୪୧ଟି ମତଦାନ କେନ୍ଦ୍ରରେ ୱେବ୍‌କାଷ୍ଟିଂ ବ୍ୟବସ୍ଥା କରାଯାଇଛି ।

ଭୋଟ୍ ଗ୍ରହଣ କେନ୍ଦ୍ରରେ ରାଜ୍ୟ ପୋଲିସ୍ ସମେତ କେନ୍ଦ୍ରୀୟ ସଶସ୍ତ୍ର ଅର୍ଦ୍ଧସାମରିକ ବାହିନୀକୁ ମୁତୟନ କରାଯାଇଛି । ନାରୀ ସଶକ୍ତିକରଣକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ୯୨୬ଟି ବୁଥ୍‌ରେ ମହିଳା କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବା ବେଳେ  ଦିବ୍ୟାଙ୍ଗମାନଙ୍କ ମତଦାନକୁ ସୁଗମ କରିବା ସକାଶେ ୧୦୭ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି । ଏଥିସହିତ ୩୨୦ଟି ଆଦର୍ଶ ବୁଥ୍ ମଧ୍ୟ ପ୍ରତିଷ୍ଠା କରାଯାଇଛି । ଭୋଟ୍ ଗ୍ରହଣକୁ ଉତ୍ତମ ପରିଚାଳନା କରିବା ଲାଗି ପାଟନାଠାରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର କଣ୍ଟ୍ରୋଲ୍ ରୁମ୍ ସ୍ଥାପନ କରାଯାଇଛି ।

ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଆମ ସମ୍ବାଦଦାତା କହିଛନ୍ତି, ଏହି ପର୍ଯ୍ୟାୟରେ ୩ କୋଟି ୭୫ ଲକ୍ଷରୁ ଊର୍ଦ୍ଧ୍ୱ ମତଦାତା ୧ ହଜାର ୩୧୪ ଜଣ ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ଏମାନଙ୍କ ମଧ୍ୟରେ ୧୨୨ ଜଣ ମହିଳା ପ୍ରାର୍ଥୀ ଥିବା ଜଣାପଡ଼ିଛି ।

ଏନ୍‌ଡିଏ ପକ୍ଷରୁ ଜନତାଦଳ ସଂଯୁକ୍ତ ସର୍ବାଧିକ ୫୭ଟି ଆସନରେ, ବିଜେପି ୪୮ଟି, ଏଲ୍‌ଜେପି-ରାମବିଳାସ ୧୪ଟି ଏବଂ ରାଷ୍ଟ୍ରୀୟ ଲୋକମୋର୍ଚ୍ଚା ୨ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଅନ୍ୟପକ୍ଷରେ ମହାଗଠବନ୍ଧନ ପକ୍ଷରୁ ଆର୍‌ଜେଡି ସର୍ବାଧିକ ୭୩ଟି ଆସନ ଲାଗି ପ୍ରାର୍ଥୀ ଦେଇଥିବାବେଳେ କଂଗ୍ରେସ ୨୪ଟି ଏବଂ ସିପିଆଇଏମ୍‌ଏଲ୍ ୧୪ଟି ଆସନ ଲାଗି ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଏହି ପର୍ଯ୍ୟାୟରେ ନୀତିଶ କୁମାର କ୍ୟାବିନେଟ୍‌ର ୧୬ଜଣ ମନ୍ତ୍ରୀଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ ହେବ ।

## ଭିପି ଛତିଶଗଡ ଭିଜିଟ୍

ଶାନ୍ତି ବିନା ବିକାଶ ସମ୍ଭବ ନୁହେଁ ବୋଲି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ମତବ୍ୟକ୍ତ କରିଛନ୍ତି । ଗତକାଲି ରାୟପୁରଠାରେ ଅନୁଷ୍ଠିତ ଛତିଶଗଡ ରାଜ୍ୟ ପ୍ରତିଷ୍ଠାର ରୌପ୍ୟଜୟନ୍ତୀ ପାଳନର ଉଦ୍‌ଯାପନୀ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ରାଜ୍ୟର ବିକାଶ ଦିଗରେ ବାଧା ସୃଷ୍ଟି କରୁଥିବା ନକ୍ସଲବାଦ କାର୍ଯ୍ୟକଳାପକୁ ଗତ କିଛିବର୍ଷ ମଧ୍ୟରେ ସମ୍ପୂର୍ଣ୍ଣରୂପେ ମୂଳୋତ୍ପାଟନ

କରିବାରେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ ଶ୍ରୀ ରାଧାକ୍ରିଷ୍ଣନ ଏହାର ପ୍ରଶଂସା କରିଛନ୍ତି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମ ସହିତ ସ୍ଥାନୀୟ ସମ୍ପ୍ରଦାୟଙ୍କ ସହଯୋଗ ମାଧ୍ୟମରେ ରାଜ୍ୟର ନକ୍ସଲ ପ୍ରଭାବିତ ଜିଲ୍ଲା ଗୁଡ଼ିକରେ ବର୍ତ୍ତମାନ ଶାନ୍ତି ପ୍ରତିଷ୍ଠା ହୋଇପାରିଛି ବୋଲି ସେ କହିଛନ୍ତି । ହିଂସା ପରିତ୍ୟାଗ କରିବା ସହ ଆତ୍ମ ସମର୍ପଣ କରି ସମାଜରେ ମୁଖ୍ୟ ସ୍ରୋତରେ ସାମିଲ ହେବା ଲାଗି ଏହି ଅବସରରେ ଉପରାଷ୍ଟ୍ରପତି ମାଓବାଦୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ଗତ ୨୫ ବର୍ଷ ମଧ୍ୟରେ ଛତିଶଗଡ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଏବଂ ପ୍ରଶାସନିକ ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ବିକାଶ ହାସଲ କରିଥିବାରୁ ଉପରାଷ୍ଟ୍ରପତି ଏହାର ପ୍ରଶଂସା କରିଛନ୍ତି । ଏହି ଅବସରରେ ଶ୍ରୀ ରାଧାକ୍ରିଷ୍ଣନ ବିଭିନ୍ନ କ୍ଷେତ୍ରରେ କୃତୀ ପ୍ରତିଭାବାନଙ୍କୁ ସମ୍ମାନିତ କରିଛନ୍ତି ।

# ପିଏମ୍-ବନ୍ଦେ ମାତରଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀରେ ଜାତୀୟ ସଂଗୀତ ବନ୍ଦେ ମାତରମର ୧୫୦ତମ ବର୍ଷ ପୂର୍ତ୍ତି ଅବସରରେ ବର୍ଷବ୍ୟାପୀ ହେବାକୁ ଥିବା କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ସଂସ୍କୃତି ମନ୍ତ୍ରଣାଳୟପକ୍ଷରୁ ଏହି ଉଦ୍‌ଘାଟନୀ ସମାରୋହ ଆୟୋଜନ କରାଯିବ । ଏହି କାର୍ଯ୍ୟକ୍ରମ ଆସନ୍ତାକାଲିଠାରୁ ଆରମ୍ଭ ୨୦୨୬ ମସିହା ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ

ଚାଲିବ ବୋଲି ଜଣାଯାଇଛି । ଏହି ସଂଗୀତର କାଳଜୟୀ ରଚନା ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ପ୍ରେରଣା ଯୋଗାଇବା ସହିତ ଜାତୀୟ ଗର୍ବ ଓ ଏକତାକୁ ବଜାୟ ରଖିବା ଦିଗରେ ଏକ ପ୍ରେରଣାର ଉତ୍ସ ହୋଇ ରହିଛି । ଏହି ବର୍ଷବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କିତ ଏକ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ଗତମାସ ୧ ତାରିଖରେ ମଞ୍ଜୁରୀ ପ୍ରଦାନ କରିଥିଲେ । ଆସନ୍ତାକାଲି ଏହି ଅବସରରେ ପ୍ରାମାଣିକ ଚିତ୍ର ପ୍ରଦର୍ଶନ ହେବା ସହିତ ପ୍ରଧାନମନ୍ତ୍ରୀ ସ୍ମାରକୀ ଡାକଟିକଟ ଓ ମୁଦ୍ରାର ଉନ୍ମୋଚନ କରିବାର କାର୍ଯ୍ୟସୂଚୀ ରହିଛି ।

## ନାଭି-ଇକ୍ଷକ କମିଶନିଂ

ଭାରତୀୟ ନୌସେନା ପକ୍ଷରୁ ଆଜି କୋଚିସ୍ଥିତ ନୌସେନା ବେସ୍‌ରେ ଇକ୍ଷକ ଜାହାଜକୁ ଆନୁଷ୍ଠାନିକ ଭାବେ ସେବାରେ ନିୟୋଜିତ କରାଯିବ । ନୌସେନା ମୁଖ୍ୟ ଆଡ୍‌ମିରାଲ୍ ଦୀନେଶ ତ୍ରିପାଠୀଙ୍କ ଉପସ୍ଥିତିରେ ଏହି ଜଳାବତରଣ ସମାରୋହ ଅନୁଷ୍ଠିତ ହେବ । ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଦେଇ କହିଛି, ଇକ୍ଷକ' ହାଇଡ୍ରୋଗ୍ରାଫିକ୍ ସର୍ଭେ କ୍ଷମତାକୁ ବୃଦ୍ଧି କରିବ । ଜାହାଜ ନିର୍ମାଣ କ୍ଷେତ୍ରରେ ଇକ୍ଷକ ହେଉଛି ଭାରତର ଆତ୍ମନିର୍ଭରଶୀଳତାର ଏକ ଜ୍ୱଳନ୍ତ ଉଦାହରଣ । ସମୁଦ୍ରରେ ସୁରକ୍ଷିତ ନାଭିଗେସନ୍ ସୁନିଶ୍ଚିତ କରିବା,

ଭାରତର ସାମୁଦ୍ରିକ ନିରାପତ୍ତାକୁ ମଜବୁତ୍ କରିବା କ୍ଷେତ୍ରରେ ଇକ୍ଷକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରଣାଳୟ କହିଛି ।

## ପିଏମ୍-ମହିଳା କ୍ରିକେଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ନୂଆଦିଲ୍ଲୀର ଲୋକକଲ୍ୟାଣ ମାର୍ଗ ସ୍ଥିତ ତାଙ୍କ ବାସଭବନରେ ବିଶ୍ୱକପ୍ ବିଜେତା ଭାରତୀୟ ମହିଳା କ୍ରିକେଟ ଦଳଙ୍କ ସହିତ ସାକ୍ଷାତ୍ ଆଲୋଚନା କରିଛନ୍ତି । ଏହି ଅବସରରେ ଶ୍ରୀ ମୋଦୀ ମହିଳା କ୍ରିକେଟ ଦଳକୁ ଅଭିନନ୍ଦନ ଜଣାଇବା ସହିତ ୩ଟି ପରାଜୟ ସତ୍ତ୍ୱେ ଟୁର୍ଣ୍ଣାମେଣ୍ଟରେ ସେମାନଙ୍କର ଉଲ୍ଲେଖନୀୟ ପ୍ରତ୍ୟାବର୍ତ୍ତନକୁ ଭୂୟସୀ ପ୍ରଶଂସା କରିଛନ୍ତି । ଏହି ଆଲୋଚନା କାଳରେ ଅଧିନାୟକ ହରମନପ୍ରୀତ୍ କୌର ୨୦୧୭ ମସିହାରେ ଭାରତୀୟ ମହିଳା ଦଳ ହାତରେ କୌଣସି ଟ୍ରଫି ନଥାଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଭେଟିବାର ମୁହୂର୍ତ୍ତକୁ ମନେ ପକାଇଥିଲେ । ପରବର୍ତ୍ତୀ ସମୟରେ ଟ୍ରଫି ସହିତ ସେମାନେ ଶ୍ରୀ ମୋଦୀଙ୍କୁ ଭେଟିବେ ବୋଲି ଆଶାବ୍ୟକ୍ତ କରିଥିଲେ । ଉପ ଅଧିନାୟକ ସ୍ମୃତି ମାନ୍ଧାନା କହିଛନ୍ତି ପ୍ରଧାନମନ୍ତ୍ରୀ ଦଳଲାଗି ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିଆସିଛନ୍ତି । ଏହି ଦଳଗତ ସାଫଲ୍ୟରେ ପ୍ରତ୍ୟେକ ସଦସ୍ୟମାନଙ୍କର ବ୍ୟାଟିଂ, ଫିଲ୍ଡିଂ ଓ ବୋଲିଂରେ ଉତ୍କର୍ଷ ସମ୍ପର୍କରେ ମଧ୍ୟ ସେ ଅବତାରଣ କରିଛନ୍ତି । ଦଳର ଅନ୍ୟତମ ସଦସ୍ୟ ଦିପ୍ତୀ ଶର୍ମା ୨୦୧୭ ମସିହାରେ ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ୍ ସମୟରେ

ଅଧିକରୁ ଅଧିକ କଠିନ ପରିଶ୍ରମ କରିବା ଲାଗି ଶ୍ରୀ ମୋଦୀ ସେମାନଙ୍କୁ ପରାମର୍ଶ ଦେଇଥିଲେ ବୋଲି ଉଲ୍ଲେଖ କରିଛନ୍ତି ।

## ମାଣ୍ଡବୀୟ-ପାକିସ୍ତାନ

ସୀମାପାର ଆତଙ୍କବାଦ କାର୍ଯ୍ୟକଳାପ ମାଧ୍ୟମରେ ପାକିସ୍ତାନ ସିନ୍ଧୁ ଜଳ ଚୁକ୍ତିନାମାର ଉଦ୍ଦେଶ୍ୟକୁ କ୍ଷୁଣ୍ଣ କରିଛି ବୋଲି ଶ୍ରମ ଓ ନିଯୋଜନ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ କହିଛନ୍ତି । ଦୋହାଠାରେ ଅନୁଷ୍ଠିତ ସାମାଜିକ ବିକାଶ ସମ୍ପର୍କିତ ଦ୍ୱିତୀୟ ବିଶ୍ୱ ସମ୍ମିଳନୀର ପୂର୍ଣ୍ଣାଙ୍ଗ ଅଧିବେଶନରେ ଭାରତର ପକ୍ଷ ରଖିବା ଅବସରରେ ସେ ଏହା କହିଛନ୍ତି । ଡକ୍ଟର ମାଣ୍ଡବୀୟ କହିଛନ୍ତି ଏହି ପଡୋଶୀ ଦେଶ ଭାରତର ବୈଧ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟକାରୀତା ଦିଗରେ ବାଧା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବାରମ୍ବାର ଏହି ଚୁକ୍ତିନାମାକୁ ଅପ ବ୍ୟବହାର କରିଆସିଛି । ସୀମାପାର ଆତଙ୍କବାଦ ମାଧ୍ୟମରେ ଯେତେବେଳେ ପାକିସ୍ତାନ ଆମ ନାଗରିକଙ୍କର କ୍ଷତି କରିବାକୁ ଚାହୁଁଛି ସେ ସମୟରେ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ମନ୍ତବ୍ୟ ଦେବାର କୌଣସି ଅଧିକାର ଏହି ଦେଶର ନାହିଁ ବୋଲି ସେ କହିଛନ୍ତି । ବରଂ ନିଜ ଦେଶର ବିକାଶରେ ବାଧା ସୃଷ୍ଟି କରୁଥିବା ଗୁରୁତ୍ୱପୂର୍ଣ୍ଣ ଆହ୍ୱାନଗୁଡ଼ିକୁ କିଭଳି ସଫଳତାର ସହ ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ପାକିସ୍ତାନ ତର୍ଜମା କରିବା ଉଚିତ୍ ବୋଲି ଡକ୍ଟର ମାଣ୍ଡବୀୟ କହିଛନ୍ତି ।

**V/O (Mansukh Mandaviya)**

ଏହି ସମ୍ମିଳନୀରେ ଡକ୍ଟର ମାଣ୍ଡବୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ଦାରିଦ୍ର୍ୟ ଦୂରୀକରଣ ଏବଂ ସାମାଜିକ ସୁରକ୍ଷା ଦିଗରେ ନିଆଯାଇଥିବା ସଂସ୍କାରମୂଳକ ପଦକ୍ଷେପ ଉପରେ ଆଲୋକପାତ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କର 'ସବ୍ କା ସାଥ୍, ସବ୍ କା ବିକାଶ' ଦୃଷ୍ଟିକୋଣ ସହିତ ନାଗରିକ କୈନ୍ଦ୍ରିକ ନୀତି ଦ୍ୱାରା ଏହା ସଫଳ ହୋଇପାରିଛି ବୋଲି ସେ କହିଛନ୍ତି ।

## ପିଏମ୍-ଅମୁଲ ଇଫ୍‌କୋ

ସମବାୟ କ୍ଷେତ୍ରରେ ବିଶ୍ୱସ୍ତରରେ ଭାରତର ପ୍ରମୁଖ ସମବାୟ ସଂସ୍ଥା ଅମୁଲ ପ୍ରଥମ ଓ ଇଫ୍‌କୋ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି ଭାରତର ସମବାୟ କ୍ଷେତ୍ର ସର୍ବଦା ହିତାଧିକାରୀଙ୍କ କଲ୍ୟାଣ କୈନ୍ଦ୍ରିକ ଭାବେ କାର୍ଯ୍ୟ କରିବା ସହିତ ଅନେକ ପରିବାରବର୍ଗଙ୍କ ଜୀବନଶୈଳୀକୁ ମଧ୍ୟ ରୂପାନ୍ତରିତ କରିବାରେ ସଫଳ ହୋଇଛି ।  ଆଗାମୀ ଦିନରେ ଏହି କ୍ଷେତ୍ରକୁ ଅଧିକ ସଶକ୍ତ ତଥା ସୁଦୃଢ଼ କରିବା ଦିଗରେ ସରକାର ବିବିଧ ପଦକ୍ଷେପ ନେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ।

## ଗୋୟଲ-ଏଫ୍‌ଟିଏ

ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ବାଣିଜ୍ୟ ଓ ପୁଞ୍ଜିନିବେଶ ବୃଦ୍ଧିକରିବା ସହିତ ନବସୃଜନତା ସଂଯୋଗୀକରଣକୁ ସଶକ୍ତ କରିବା ଦିଗରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ପଥ ଉନ୍ମୁକ୍ତ କରିବ ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋଏଲ କହିଛନ୍ତି । ଅକ୍‌ଲାଣ୍ଡଠାରେ ନ୍ୟୁଜିଲାଣ୍ଡର ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟୋଫର ଲକ୍ସନଙ୍କ ସହିତ ସାକ୍ଷାତ୍ ଆଲୋଚନା ପରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଗୋୟଲ ଏହା ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି ଏହି ରାଜିନାମା ସ୍ୱାକ୍ଷରିତ ହେବା ଲାଗି ଦୁଇଦେଶ ମଧ୍ୟରେ ବର୍ତ୍ତମାନ ଆଲୋଚନା ଜାରି ରହିଛି । ନ୍ୟୁଜିଲାଣ୍ଡ ସହିତ ବିଭିନ୍ନ କ୍ଷେତ୍ରରେ କ୍ରମବର୍ଦ୍ଧିଷ୍ଣୁ ଭାଗିଦାରୀକୁ ଭାରତ ସର୍ବଦା ସମ୍ମାନ ଦେଇ ଆସିଛି । ଏହି ଭାଗିଦାରୀକୁ ଏକ ନୂତନ ଶିଖରରେ ପହଞ୍ଚାଇବା ଦିଗରେ ଉଭୟ ଦେଶ ପ୍ରୟାସ ଜାରି ରଖିଛନ୍ତି ବୋଲି ଶ୍ରୀ ଗୋୟଲ କହିଛନ୍ତି ।

## କ୍ରିକେଟ୍

ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଚତୁର୍ଥ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଆଜି କୁଇନ୍‌ସଲ୍ୟାଣ୍ଡସ୍ଥିତ କାରାରା ଓଭାଲଠାରେ ଖେଳାଯିବ । ଏହି ମ୍ୟାଚ୍ ଭାରତୀୟ ସମୟ ଅପରାହ୍ଣ ଗୋଟାଏ ୪୫ ମିନିଟ୍‌ରେ ଆରମ୍ଭ ହେବ । ୫ ମ୍ୟାଚ୍ ବିଶିଷ୍ଟ ଏହି ଟି-୨୦ ସିରିଜ୍ ବର୍ତ୍ତମାନ ୧-୧ରେ ବରାବର ରହିଛି ।

# ଚେସ୍ ୱାର୍ଲ୍ଡ କପ୍

ଫାଇଡ୍ ବିଶ୍ୱକପ୍ ୨୦୨୫ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଚେସ୍ ଖେଳାଳି ଗ୍ରାଣ୍ଡମାଷ୍ଟର ଡି. ଗୁକେଶ, ଅର୍ଜୁନ ଏରିଗାଇସି ଏବଂ ପେଣ୍ଟାଲା ହରିକ୍ରିଷ୍ଣା ତୃତୀୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଗୁକେଶ କାଜାକସ୍ତାନର କାଜିବେକ୍ ନୋଜରବେକ୍‌ଙ୍କୁ ଏବଂ ଏରିଗାଇସି ବୁଲ୍‌ଗେରିଆର ମାର୍ଟିନ ପେଟ୍ରୋଭଙ୍କୁ ପରାସ୍ତ କରିଛନ୍ତି । ଏହାଛଡା ହରିକ୍ରିଷ୍ଣା ମଧ୍ୟ ତାଙ୍କର ପ୍ରତିଦ୍ୱନ୍ଦ୍ୱି ଆର୍‌ସେମିକ ନିଷ୍ଟେରୋଙ୍କ ବିପକ୍ଷରେ ବିଜୟୀ ହୋଇ ତୃତୀୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି ।